# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 2 July - 2024

### News Editor : Itishree Singh Rathaur

************************************

## ମୁଖ୍ୟ ସମ୍ବାଦ

- ଦେଶକୁ ଗ୍ରୀନ୍ ହାଇଡ୍ରୋଜେନ୍ ପେଣ୍ଠସ୍ଥଳିରେ ପରିଣତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି; କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ରଥଯାତ୍ରାର ସୁପରିଚାଳନା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମୀକ୍ଷା ବୈଠକ; ଘୋଷଯାତ୍ରାର ସୁଚାରୁ ସମ୍ପାଦନ ନେଇ ଜନସାଧାରଣଙ୍କ ସହଯୋଗ କାମନା କଲେ ମୁଖ୍ୟମନ୍ତ୍ରୀ

- ରାଜ୍ୟରେ ବିଭିନ୍ନ କାରଣରୁ ବନ୍ଦ ଥିବା ବିଦ୍ୟାଳୟଗୁଡ଼ିକୁ ପୁନଃ ଖୋଲିବା ନେଇ ସମୀକ୍ଷା ହେବ; କହିଲେ ଗଣଶିକ୍ଷାମନ୍ତ୍ରୀ

ଏବଂ

- ରାଜ୍ୟରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡଘଡ଼ି ସହ ବର୍ଷା ନେଇ ୬ଟି ଜିଲ୍ଲାକୁ ସତର୍କ ସୂଚନା

## ପ୍ରଧାନମନ୍ତ୍ରୀ-ଲୋକସଭା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଲୋକସଭାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଉତ୍ତର ରଖିଛନ୍ତି। ସେ କହିଛନ୍ତି, ଆଗାମୀ ଦିନରେ ଦେଶକୁ ସବୁଜ ହାଇଡ୍ରୋଜେନ୍ ପେଣ୍ଟସ୍ଥଳୀ ଭାବେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଶ୍ରୀ ମୋଦୀ କହିଛନ୍ତି, ଦେଶର ସୁରକ୍ଷାକୁ ସର୍ବଦା ପ୍ରାଥମିକତା ଦିଆଯାଉଛି। ଏଥିପାଇଁ ଭାରତୀୟ ସେନାବାହିନୀର ଆଧୁନିକୀକରଣ କରାଯାଉଛି। ଦେଶର ସୁରକ୍ଷା ପାଇଁ ବିଭିନ୍ନ ସଂସ୍କାର ହେଉଛି। ଆମ ଦେଶର ସେନାବାହିନୀ ଯୁବ, ଦକ୍ଷ ଏବଂ ଆତ୍ମନିର୍ଭର ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ରଥଯାତ୍ରା ଛୁଟି-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ପୁରୀ ଟାଉନ୍‌ହଲ୍‌ଠାରେ ରଥଯାତ୍ରା ପ୍ରସ୍ତୁତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଘୋଷଯାତ୍ରା ପୂର୍ବରୁ ରାସ୍ତାଘାଟ ମରାମତି ସହିତ ପାନୀୟ ଜଳ, ପରିମଳ, ଗମନାଗମନ, ଭିଡ ନିୟନ୍ତ୍ରଣ, ଆଇନ୍‌ଶୃଙ୍ଖଳା ଏବଂ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ନେଇ ସମୀକ୍ଷା ହୋଇଛି। ଶାନ୍ତିଶୃଙ୍ଖଳାର ସହ ରଥଯାତ୍ରା ସମାପନ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଭାଗୀୟ ଅଧିକାରୀମାନେ ସେମାନଙ୍କ ବିଭାଗ ପକ୍ଷରୁ ନିଆଯାଇଥିବା ପ୍ରସ୍ତୁତି ଉପରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଚଳିତବର୍ଷ ୨ ଦିନ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଥିବାରୁ ଆସନ୍ତା ୮ ତାରିଖକୁ ଛୁଟି ଘୋଷଣା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଏବର୍ଷର ବିରଳ ରଥଯାତ୍ରା ରାଜ୍ୟ ସରକାରଙ୍କ ପାଇଁ ଆଶୀର୍ବାଦ ବୋଲି

କହିବା ସହିତ ରଥଯାତ୍ରାକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କର ସହଯୋଗ କାମନା କରିଥିଲେ। ରଥଯାତ୍ରା ସମୟରେ ସୁରକ୍ଷା ପାଇଁ ୧୮୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିଭଳି ଏହି ସମୟରେ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା।

## ପାର୍କ ପରିଦର୍ଶନ-ନଗର ଉନ୍ନୟନ ମନ୍ତ୍ରୀ

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ଭୁବନେଶ୍ୱରର ପ୍ରମୁଖ ପାର୍କ ପରିଦର୍ଶନ କରି ବିଭିନ୍ନ ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଡକ୍ଟର ମହାପାତ୍ର ଫରେଷ୍ଟ ପାର୍କ, ଆନନ୍ଦବନରେ ସ୍ୱର୍ଣ୍ଣଚମ୍ପା ଚାରା ରୋପଣ କରିବା ସହିତ ଖୋଲା ପାଠାଗାର, ଆମ୍ଫି ଥିଏଟର, ପାର୍କିଂ ସ୍ଥାନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପରିଦର୍ଶନ କରିଥିଲେ। ସ୍ଥାନୀୟ ଜୀବିକାକୁ ସମର୍ଥନ କରିବା ପାଇଁ ସେ ଆନନ୍ଦବନ ମଧ୍ୟରେ ଏକ ଫୁଲବଗିଚା ବିକଶିତ କରିବାକୁ ପରାମର୍ଶ ଦେଇଥିଲେ।

ସେହିପରି କେ-ସେଭେନ, କଳିଙ୍ଗନଗରରେ ଥିବା ଷ୍ଟେଟ୍-ଟୁ ଆର୍ଟ ପାର୍କରେ ପୁନଃ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡକ୍ଟର ଏପିଜେ ଅବଦୁଲ କଲାମ ପାର୍କ ପରିଦର୍ଶନ ସମୟରେ ମନ୍ତ୍ରୀ ଅଧିକାରୀମାନଙ୍କୁ ଚାଲୁ ରହିଥିବା ପୁନର୍ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏକ ଲାଇଟ୍ ଏବଂ ସାଉଣ୍ଡ ସୋ' ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଡିଏ ଓ ବନବିଭାଗ ପକ୍ଷରୁ ବିକଶିତ ହେଉଥିବା ରାଜ୍ୟ ସିଲ୍ଭି କଲଚର

ଗାର୍ଡେନ୍‌ରେ ଚାଲିଥିବା କାର୍ଯ୍ୟକୁ ତୁରନ୍ତ ଶେଷ କରି ଜନସାଧାରଣଙ୍କ ପାଇଁ ଏହି ସୁବିଧା ଯୋଗାଇଦେବାକୁ ମନ୍ତ୍ରୀ ଡକ୍ଟର ପାତ୍ର ନିର୍ଦ୍ଦେଶ ଦେଇଛନ୍ତି ।

## ରାଜ୍ୟପାଳ-ପତ୍ରିକା ସମାରୋହ

ସୁଖୀ ଓ ସମୃଦ୍ଧ ପରିବାର ଗଠନରେ ମହିଳାମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି । ଭୁବନେଶ୍ୱରଠାରେ ଆଜି ପୂର୍ବାହ୍ଣରେ ଏକ ମାସିକ ଓଡ଼ିଆ ପତ୍ରିକାର ରଜତ ଜୟନ୍ତୀ ସମାରୋହକୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଛନ୍ତି ପରିବାର ଏବଂ ସମାଜ ପାଇଁ ମହିଳା ସଶକ୍ତୀକରଣ ଏକାନ୍ତ ଆବଶ୍ୟକ । ସମାଜରେ ବଞ୍ଚିତ, ଶୋଷିତ ଏବଂ ଅସହାୟ ମହିଳାମାନଙ୍କୁ ସଶକ୍ତ କରାଇ ସେମାନଙ୍କୁ ଆଗକୁ ନେବା ଆମ ସମସ୍ତଙ୍କର ଦାୟିତ୍ୱ । ରାଜ୍ୟ ତଥା ଦେଶର ମହିଳାମାନେ ଆଜି ଅନେକ କ୍ଷେତ୍ରରେ ନିଜ ପ୍ରତିଭାର ପରିଚୟ ଦେଇ ଉତ୍କର୍ଷ ହାସଲ କରିବା ସହିତ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି । ଏଭଳି ପ୍ରତିଭାବାନ୍ ମହିଳାଙ୍କୁ ଲୋକଲୋଚନକୁ ଆଣି ସେମାନଙ୍କୁ ସଶକ୍ତ କରିବା ଦିଗରେ ପତ୍ରିକାର ନିରନ୍ତର ଉଦ୍ୟମକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି ।

## ବନ୍ଦ ସ୍କୁଲ ଉପରେ ସମୀକ୍ଷା

ରାଜ୍ୟରେ ବିଭିନ୍ନ କାରଣରୁ ବନ୍ଦ ହୋଇଥିବା କେତେକ ବିଦ୍ୟାଳୟକୁ ପୁନଃ ଖୋଲିବା ପାଇଁ ସମୀକ୍ଷା ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ସେ କହିଛନ୍ତି, ପୂର୍ବ ସରକାର ଅମଳରେ ବିଭିନ୍ନ କାରଣ ଦର୍ଶାଯାଇ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରି ଦିଆଯାଇଥିଲା । ଏ ନେଇ ବିଭାଗୀୟ ସଚିବଙ୍କୁ କ୍ଷେତ୍ରସ୍ତରୀୟ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି । ସ୍କୁଲ ଖୋଲିବା ନେଇ ବିଭିନ୍ନ ବର୍ଗରୁ ଦାବି ଉପସ୍ଥାପନ ପରେ ଏହି ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ।

## ଅପରାଧିକ ଆଇନ-ସଚେତନତା ବୈଠକ

ଦେଶରେ ଲାଗୁ ହୋଇଥିବା ୩ଟି ଅପରାଧିକ ଆଇନ ସମ୍ପର୍କରେ କୋରାପୁଟ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଏକ ସଚେତନତା ବୈଠକ କରାଯାଇଥିଲା । କାର୍ଯ୍ୟକ୍ରମରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମିନା, କୋରାପୁଟ ଏସପି ଅଭିନବ ସୋନକାର ଦେଶରେ ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏହି ନିୟମ ଲାଗୁ କରାଯାଇଛି ବୋଲି କହିଥିଲେ । କୋରାପୁଟ ଜିଲ୍ଲାର ଜନସାଧାରଣଙ୍କୁ ନୂତନ ଆଇନ ସଂପର୍କରେ ସଚେତନତା କରିବା ପାଇଁ ବିଭିନ୍ନ ବର୍ଗର ଲୋକଙ୍କୁ ସେ ଅନୁରୋଧ କରିଥିଲେ ।

ଆଗାମୀ ଦିନରେ ପୁଲିସ କର୍ମଚାରୀଙ୍କୁ ଏହି ଆଇନ୍‌ର କାର୍ଯ୍ୟକାରିତା ସମ୍ପର୍କରେ ତାଲିମ ପ୍ରଦାନ କରାଯିବ ବୋଲି ଏସପି ଶ୍ରୀ ସୋନକାର କହିଥିଲେ ।

**ଭଦ୍ରକ** ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ସଚେତନତା ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବାମଦେବ ସିଂହ ଏହି ନୂତନ ଆଇନ୍‌ର ବିଭିନ୍ନ ଦିଗ ଓ କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ ।

## ଜାତୀୟ ଶିକ୍ଷକ ପୁରସ୍କାର

ଜାତୀୟ ଶିକ୍ଷକ ପୁରସ୍କାର ଲାଗି ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଆବେଦନ କରାଯାଇପାରିବ । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପୋର୍ଟାଲରେ ଏହି ପୁରସ୍କାର ପାଇଁ ଗତ ଜୁନ୍ ୨୭ ତାରିଖରୁ ଆବେଦନ ଗ୍ରହଣ କରାଯାଉଛି । ଚଳିତବର୍ଷ ଜିଲ୍ଲା, ରାଜ୍ୟ ଏବଂ ଜାତୀୟ ସ୍ତରରେ ୩ଟି ପର୍ଯ୍ୟାୟରେ ୫୦ ଜଣ କୃତୀ

ଶିକ୍ଷକଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯିବ। ନୂଆଦିଲ୍ଲୀର ବିଜ୍ଞାନଭବନଠାରେ ଆସନ୍ତା ସେପ୍ଟେମ୍ବର ୫ ତାରିଖ ଗୁରୁ ଦିବସରେ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମନୋନୀତ କୃତୀ ଶିକ୍ଷକମାନଙ୍କୁ ଜାତୀୟ ଶିକ୍ଷକ ସମ୍ମାନ ପ୍ରଦାନ କରିବେ।

## ଶିଶୁ ଶ୍ରମିକ-ସଚେତନତା ବୈଠକ

ଛତ୍ରପୁର ସ୍ଥିତ **ଗଞ୍ଜାମ** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ ଡ.ପ୍ରମୋଦ କୁମାର ପୃଷ୍ଟି ଅଧ୍ୟକ୍ଷତା କରି ଶିଶୁ ଶ୍ରମିକ ପ୍ରଥାକୁ ଏକ ସାମାଜିକ ବ୍ୟାଧି ରୂପେ ଅଭିହିତ କରିବା ସହ ଏହାର ନିରାକରଣ ଦିଗରେ ସମସ୍ତଙ୍କ ଦାୟିତ୍ୱ ରହିଛି ବୋଲି କହିଥିଲେ। ଶ୍ରୀ ପୃଷ୍ଟି କହିଥିଲେ, ଶିଶୁ ଶ୍ରମିକ ନିୟୋଜନ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦଣ୍ଡବିଧାନ ରହିଛି। ଏହାକୁ ରୋକିବା ପାଇଁ ବ୍ୟାପକ ସଚେତନତା କରାଯାଉଛି।

## ରେଡ୍‌କ୍ରସ୍ ବୈଠକ

**ସମ୍ବଲପୁର** ଜିଲ୍ଲା ରେଡ଼କ୍ରସ ସୋସାଇଟିର ବାର୍ଷିକ ସାଧାରଣ ପରିଷଦର ବୈଠକ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସଭାଗୃହରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗ୍ରାମାଞ୍ଚଳରେ ରକ୍ତଦାନ ଶିବିର ଆୟୋଜନ କରୁଥିବା ଅନୁଷ୍ଠାନଗୁଡ଼ିକୁ ଆର୍ଥିକ ସାହାଯ୍ୟ ପ୍ରଦାନ ବ୍ୟବସ୍ଥା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିସହ ଗତବର୍ଷ ମାନଙ୍କରେ ରେଡକ୍ରସ ସୋସାଇଟିର ହୋଇଥିବା କାର୍ଯ୍ୟକଳାପ ଏବଂ ଆଗାମୀ ଦିନର କାର୍ଯ୍ୟ ଯୋଜନା ଉପରେ ଆଲୋଚନା କରାଯାଇଥିଲା।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଦୁର୍ବଳ ହେବା ପରେ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଭିନ୍ନ ଅଞ୍ଚଳରେ ବର୍ଷାର ସମ୍ଭାବନା ରହିଥିବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଏଥିପାଇଁ ଜଗତ୍‌ସିଂହପୁର, କେନ୍ଦ୍ରାପଡା, କଟକ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଂଚଳରେ ଘଡଘଡ଼ି ସହ ବର୍ଷା ବେହାର ସମ୍ଭାବନା ରହିଛି।

********************************
*